ଗ୍ରାମୀଣ କୃଷି ମୌସମ ସେବା

ଭାରତୀୟ ପାଣିପାଗ ବିଭାଗ

ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ବର– ୭୫୧୦୦୩



Dr.T.R. Mohanty

Nodal Officer


**ସପ୍ତାହ –୪୩**

ନ.-୧୦୨୪ (ଓଡିଆ ବୁଲେଟିନ)

ତାରିଖ- ୨୨.୧୦ .୨୦୨୫

(ସୌଜନ୍ୟ – ଓୟୁଏଟି ସ୍ଥିତ କୃଷି ପାଣିପାଗ ଉପବିଭାଗ ଓ ଓଡ଼ିଶା ସରକାରଙ୍କ କୃଷି ନିର୍ଦ୍ଦେଶାଳୟ, ପ୍ରାଣୀପାଳନ ଓ ପ୍ରାଣୀଚିକିତ୍ସା ନିର୍ଦ୍ଦେଶାଳୟ ଓ ମତ୍ସ୍ୟ ନିର୍ଦ୍ଦେଶାଳୟ)

## ଖୋର୍ଦ୍ଧା ଜିଲ୍ଲା (ପୂର୍ବ ଓ ଦକ୍ଷିଣ ପୂର୍ବ ଉପକୂଳବର୍ତୀ ସମତଳ ଅଞ୍ଚଳ)

| ଗତ ସପ୍ତାହର ପାଣିପାଗ ସମ୍ବନ୍ଧୀୟ ସୂଚନା (୧୬.୧୦.୨୦୨୫ ରୁ ୨୨.୧୦.୨୦୨୫) | | |
|---|---|---|
| ସର୍ବାଧିକ ତାପମାତ୍ରା (ଡିଗ୍ରୀ ସେଲସିୟସ) | ସର୍ବନିମ୍ନ ତାପମାତ୍ରା (ଡିଗ୍ରୀ ସେଲସିୟସ) | ବୃଷ୍ଟିପାତ (ମି. ମି.) |
| **33.4** | **23.6** | **37.6** |

### ଭାରତୀୟ ପାଣିପାଗ ବିଭାଗ ଅନୁଯାୟୀ ଆଗାମୀ ୨୩ . ୧୦. ୨୦୨୫ ରୁ ୨୭ .୧୦ .୨୦୨୫ ତାରିଖ ପର୍ଯ୍ୟନ୍ତ ପାଣିପାଗ ସୂଚନା

| ପାଣିପାଗ କାରକ | ପ୍ରଥମ ଦିନ | ଦ୍ବିତୀୟ ଦିନ | ତୃତୀୟ ଦିନ | ଚତୁର୍ଥ ଦିନ | ପଞ୍ଚମ ଦିନ |
|---|---|---|---|---|---|
| ବୃଷ୍ଟିପାତ &ଆକାଶରସ୍ଥିତି | ସ୍ୱଳ୍ପ ବର୍ଷା ଓ ଆକାଶ ଆଂଶିକ ମେଘୁଆ | ସ୍ୱଳ୍ପ ବର୍ଷା ଓ ଆକାଶ ସାଧାରଣତଃ ମେଘୁଆ | ମଧ୍ୟମ ଧରଣର ବର୍ଷା ଓ ଆକାଶ ସାଧାରଣତଃ ମେଘୁଆ | ସ୍ୱଳ୍ପ ବର୍ଷା ଓ ଆକାଶ ସାଧାରଣତଃ ମେଘୁଆ | ସ୍ୱଳ୍ପ ବର୍ଷା ଓ ଆକାଶ ସାଧାରଣତଃ ମେଘୁଆ |
| ସର୍ବାଧିକତାପମାତ୍ରା(°C) | 34 | 33 | 32 | 32 | 32 |
| ସର୍ବନିମ୍ନତାପମାତ୍ରା(°C) | 23 | 23 | 23 | 23 | 22 |
| ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା(%) | 87 | 88 | 92 | 91 | 93 |
| ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା(%) | 58 | 60 | 64 | 66 | 69 |
| ପବନରବେଗ (କି.ମି./ଘ.) | 7 | 7 | 6 | 6 | 8 |
| ପବନରଦିଗ | 27 | 32 | 33 | 17 | 23 |

ଭାରତୀୟ ପାଣିପାଗ କେନ୍ଦ୍ରର ପୂର୍ବାନୁମାନ ଅନୁଯାୟୀ, ଖୋର୍ଦ୍ଧା ଜିଲ୍ଲାରେ ଆଗାମୀ ପାଞ୍ଚ ଦିନ ପର୍ଯ୍ୟନ୍ତ ସ୍ୱଳ୍ପ ରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଅଛି । ଆଗାମୀ ୫ ଦିନ ପର୍ଯ୍ୟନ୍ତ ଆକାଶ ଆଂଶିକ ମେଘୁଆ ରୁ ସାଧାରଣତଃ ମେଘୁଆ ରହିବାର ସମ୍ଭାବନା ଥିବାବେଳେ ପବନର ବେଗ ହାରାହାରି ୦୬ – ୦୮ କି.ମି. ପ୍ରତି ଘଣ୍ଟା ପର୍ଯ୍ୟନ୍ତ ରହିବାର ସୂଚନା ରହିଛି । ସେହିପରି ଆଗାମୀ ୫ ଦିନ ପର୍ଯ୍ୟନ୍ତ ଦିନର ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ଯଥାକ୍ରମେ ୩୨ ରୁ ୩୪ ଡିଗ୍ରୀ ସେଲସିଅସ ଓ ୨୨ -୨୩ ଡିଗ୍ରୀ ସେଲସିଅସ ମଧ୍ୟରେ ରହିବାର ସମ୍ଭାବନା ରହିଅଛି ।

# ବିଶେଷ କୃଷି ସୂଚନା

- ❖ ପାଣିପାଗ ବିଭାଗ, ଭୁବନେଶ୍ୱରର ପୂର୍ବାନୁମାନ ଅନୁସାରେ, ଖୋର୍ଦ୍ଧା ଜିଲ୍ଲାରେ ଆଗାମୀ ପାଞ୍ଚ ଦିନ ପର୍ଯ୍ୟନ୍ତ ସ୍ୱଳ୍ପ ରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଅଛି ।
- ❖ ଧାନ କେଣ୍ଡା ୮୫% ପାଚି ଯାଇଥିଲେ ବର୍ଷା ଆରମ୍ଭ ପୂର୍ବରୁ ତୁରନ୍ତ କାଟିନେଇ ସୁରକ୍ଷିତ ସ୍ଥାନରେ ରଖନ୍ତୁ ।
- ❖ ଅମଳ ଉପଯୋଗୀ ଫସଲ ଯଥା ପନିପରିବା ଏବଂ ଶସ୍ୟ ଜାତୀୟ ଫସଲ କୁ ଅମଳ କରି ସୁରକ୍ଷିତ ସ୍ଥାନରେ ରଖନ୍ତୁ ।
- ❖ ଜମିରୁ ବଳକା ପାଣି ନିଷ୍କାସନ କରିବା ପାଇଁ ନାଳୀ କରନ୍ତୁ ଓ ନାଳୀ ମୁହଁକୁ ଖୋଲା ରଖନ୍ତୁ ।
- ❖ ପଶୁମାନଙ୍କୁ କୃମିନାଶକ ଔଷଧ ଖୁଆଇବାକୁ ଏବଂ ଫାଟୁଆ ଓ ବ୍ରୁସେଲୋସିସ୍ ରୋଗ ପାଇଁ ଟୀକାକରଣ କରିବାକୁ ପରାମର୍ଶ ଦିଆଯାଇଅଛି।
- ❖ ବାଡ଼ି କିମ୍ବା ବାଉଁଶ ଦ୍ବାରା କଦଳୀ ଓ ଅମୃତଭଣ୍ଡା ଗଛକୁ ଢେରା/ସ୍ଥିରତା ପ୍ରଦାନ କରନ୍ତୁ ।
- ❖ ପୋଖରୀ ରୁ ମାଛ ବାହାରି ନଯିବା ଓ ଅଦରକାରୀ ମାଛ ଙ୍କ ପ୍ରବେଶ ରୋକିବା ପାଇଁ ପୋଖରୀ ମୁହଁ କୁ ବାଉଁଶ କିମ୍ବା ନାଇଲନ ଜାଲି ଦ୍ବାରା ବନ୍ଦ କରନ୍ତୁ ।
- ❖ ଆଗାମୀ ଦିନ ପାଇଁ ଦାନା / ଘାସ ସଂଗ୍ରହ କରି ରଖନ୍ତୁ ଏବଂ ପରିଷ୍କାର ପାନୀୟ ଜଳ ର ବ୍ୟବସ୍ଥା କରନ୍ତୁ । ବର୍ଷା ରୁ ନଷ୍ଟ ନହେବା ପାଇଁ ଘାସ କୁ ସୁରକ୍ଷିତ ସ୍ଥାନରେ ରଖନ୍ତୁ ।
- ❖ ପାଣିପାଗର ପୂର୍ବାନୁମାନ ଅନୁସାରେ, ଆଗାମୀ ପାଞ୍ଚ ଦିନ ପର୍ଯ୍ୟନ୍ତ ଜିଲ୍ଲାରେ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବଜ୍ରପାତ ସହିତ ପବନର ବେଗ ୩୦-୪୦ କି.ମି. ପ୍ରତି ଘଣ୍ଟା ରହିବାର ସମ୍ଭାବନା ରହିଛି । ତେଣୁ, ଚାଷୀ ଭାଇମାନଙ୍କୁ ବଜ୍ରଧ୍ୱନି ଶୁଣିବା ପରେ, ସମସ୍ତ କାର୍ଯ୍ୟ ବନ୍ଦକରି ସୁରକ୍ଷିତ ସ୍ଥାନକୁ ଯିବାକୁ ଓ ଉଚ୍ଚ ଗଛ, ବିଦ୍ୟୁତ୍ ଖୁଣ୍ଟି କିମ୍ବା ଅସ୍ଥାୟୀ ଛପର ତଳେ ଶରଣ ନ ନେବାକୁ ପରାମର୍ଶ ଦିଆଯାଉଅଛି ।

| ଫସଲ | ଅବସ୍ଥା | କୃଷି ପରାମର୍ଶ |
|---|---|---|
| ଧାନ | ଫୁଲ ବାହାରିବା ଅବସ୍ଥା ଠାରୁ କ୍ଷୀର ଢୋକିବା ଅବସ୍ଥା | ❖ ସାଆରା ରୋଗ<br>ଧାନ ବିଲରେ ବର୍ତମାନ ସାଆରା ରୋଗ ଦେଖା ଗଲେ, ବର୍ଷା ଛାଡ଼ିଗଲା ପରେ ୨୦୦ ଲିଟର ପାଣିରେ ହେକ୍ସାକୋନାଜୋଲ (Hexaconazole) ବା ପ୍ରୋପିକୋନାଜୋଲ (Propiconazole)@ ୧୦୦ ମିଲି କିମ୍ବା କପର ଅକ୍ସିକ୍ଲୋରାଇଡ (Copperoxychloride) @୨୫୦ ଗ୍ରା ପ୍ରତି ଏକର ସିଞ୍ଚନ କରନ୍ତୁ।<br>❖ ଗଳା ମହିଷା ରୋଗ<br>ଶୁଖିଲା ପାଗ ଦେଖି ଧାନ ଫସଲରେ ଗଳା ମହିଷା ରୋଗ ପରିଚାଳନା ପାଇଁ ଏକର ପ୍ରତି ୪୦୦- ମିଲି Hexaconazole ନାମକ ଫିମ୍ପିନାଶକ କିମ୍ବା ୨୦୦- ମିଲି Azoxystrobin ଓ Difenoconazole ର ମିଳିତ ଫିମ୍ପିନାଶକ କିମ୍ବା ୮୦- ଗ୍ରାମ Tebuconazole ଓ Trifloxystrobin ର ମିଳିତ ଫିମ୍ପିନାଶକ ୨୦୦- ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । |
| ମୁଗ ଏବଂ ବିରି | ଫଳ ବାହାରିବା ଅବସ୍ଥା/ ଅମଳ ଅବସ୍ଥା | ❖ ଛୁଇଂବିନ୍ଧା ପୋକ<br>ମୁଗ ଏବଂ ବିରି ଫସଲରେ ବର୍ତମାନ ସମୟରେ ଛୁଇଂବିନ୍ଧା ପୋକ ଲାଗିବାର ସମ୍ଭାବନା ରହିଛି । ଶୁଖିଲା ପାଗ ଦେଖି ମୁଗ ଏବଂ ବିରି ଫସଲ ରେ ଏହି ପୋକ ର ପରିଚାଳନା ପାଇଁ ୮୦-ଗ୍ରାମ ଏମାମେକଟୀନ ବେଞ୍ଜୋଏଟ (Emamectin Benzoate) କିମ୍ବା ୮୦-ମି.ଲି କ୍ଲୋରାନଟ୍ରାନିଲିପ୍ରୋଲ (Chlorantraniliprole) କମିବା ୪୦୦-ମି.ଲି ପ୍ରୋଫେନୋଫସ (Profenophos), ୨୦୦ ଲିଟର ପାଣି ରେ ମିଶାଇ ସିଞ୍ଚନ କରନ୍ତୁ । |
| ଆଖୁ | ବିଶେଷ ଅଭିବୃଦ୍ଧି ଅବସ୍ଥା | ❖ ଏହି ପାଗରେ ଆଖୁ ଫସଲରେ ଜାହାଜ ପୋକ ଓ ଦହିଆ କୀଟ ଆକ୍ରମଣ ଅଧିକ ଦେଖାଯାଇଥାଏ । ପ୍ରାଥମିକ ଅବସ୍ଥାରେ ପରିଚାଳନା ପାଇଁ Epiricaniamelanoleuca ନାମକ ପରାଶ୍ରୟୀ କୀଟର ୨ ଲକ୍ଷ ଅଣ୍ଡା କିମ୍ବା ୨୦୦୦ ପ୍ୟୁପା ବା ଖୋସା ସଂଗ୍ରହ କରି ଏକର ପିଛା ଆକ୍ରାନ୍ତ କ୍ଷେତରେ ଛାଡନ୍ତୁ । ରାସାୟନିକ ଉପାୟରେ ଏହି ପୋକର ପରିଚାଳନା ପାଇଁ ବର୍ଷା ଛାଡ଼ିଗଲା ପରେ ଏକର ପ୍ରତି ୬୦ ମିଲି Imidacloprid 17.8% SL କିମ୍ବା ୪୦ ଗ୍ରାମ Thiamethoxam 25% WG,୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |
| ପିଆଜ | ବିହନ ଲଗାଇବା ପୂର୍ବ ଅବସ୍ଥା | ❖ ତଳି ପଟାଳିରେ ବିହନ ଲଗାଇବା ପୂର୍ବରୁ ଏକ କିଲୋଗ୍ରାମ ବିହନ ରେ ୨ଗ୍ରାମ-Carbendazim ନାମକ ଫିମ୍ପିନାଶକ କିମ୍ବା ୩ଗ୍ରାମ Carboxin ଓ Thiram ର ମିଳିତ ଫିମ୍ପିନାଶକ ବିହନ ରେ ଗୋଳାଇ ବିଶୋଧନ କରନ୍ତୁ । ପିଆଜ ତଳି ୮ସପ୍ତାହର ହୋଇଗଲେ ମୁଖ୍ୟ ଜମିରେ ଲଗାଯାଏ। |
| କଲରା | ଫଳ ଅମଳ / ଅବସ୍ଥା | ❖ ଫଳ ମାଛି କୁ ନିୟନ୍ତ୍ରଣ କରିବାକୁ ହେଲେ, ବର୍ଷା ଛାଡ଼ିଗଲା ପରେ ମାଲାଥିୟନ (Malathion)@ 1 ମିଲି ପ୍ରତି ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।<br>❖ ପାଉଁଶିଆ ରୋଗ କୁ ନିୟନ୍ତ୍ରଣ କରିବାକୁ ହେଲେ, ଡିନୋକେପ (Dinocap)@ ୧ ml/lt କିମ୍ବା କାରବେନଡାଜିମ (Carbendazim)@୧ g/lt ସିଞ୍ଚନ କରନ୍ତୁ। |
| ବାଇଗଣ | ଫୁଲଫଳ/ / ଅମଳଅବସ୍ଥା | ❖ ଗଛ ଝାଉଂଳା ଦେଖା ଗଲେ, ଗଛଟିକୁ ଓପାଡି ଦୂରରେ ପକେଇ ଦିଅନ୍ତୁ।<br>❖ ବାଇଗଣରେ ଫଳ ପଚା ରୋଗ କୁ ନିୟନ୍ତ୍ରଣ କରିବା ପାଇଁ ହେଲେ, ଶୁଖିଲା ପାଗ ଦେଖି ଏକର କୁ 200 ଲିଟର ପାଣିରେ ମେଟାଲକ୍ଷ୍ୟଲ+ ମଙ୍କୋଜେବ (Metalaxyl + Mancozeb)400 g କିମ୍ବା Zineb 75% ଡବ୍ଲୁ. ପି. 500 g ସିଞ୍ଚନ କରନ୍ତୁ। |

| | | |
|---|---|---|
| କଦଳୀ | ଫଳ ଧରିବା ଅବସ୍ଥା | ❖ <u>ସିଗାଟୋକା ରୋଗ:</u> ପତ୍ରରେ ସିଗାଟୋକା ରୋଗର ଲକ୍ଷଣ କିମ୍ବା କଦଳୀର ଅଗ୍ର ଭାଗ ସଢି ଯାଉଥିଲେ ଦେଖାଦେଲେ ନିୟନ୍ତ୍ରଣ ପାଇଁ ବର୍ଷା ଛାଡ଼ିଗଲା ପରେ ପ୍ରତି ଏକ ଲିଟର ପାଣିରେ ୩ ଗ୍ରାମ ମାଙ୍କୋଜେବ ୭୫% ଡବ୍ଲୁ.ପି କୁ ମିଶ୍ରଣ କରି ସିଞ୍ଚନ କରନ୍ତୁ। |
| ପିଜୁଳି | ଅଙ୍ଗୀୟ ବୃଦ୍ଧି ଅବସ୍ଥା | ❖ ଗଛରେ ଅଧିକା ଶାଖା ଆଣିବା ପାଇଁ ଗଛର ଗୋଟେ ଦୁଇଟି ଡାଳ/ ଶାଖା କୁ ଦୌଡା ମାଧ୍ୟମରେ ନୂଆଇଙ୍କି ବାନ୍ଧି ଦିଅନ୍ତୁ।<br>❖ ଶୁଖିଲା ପାଗ ଦେଖି ପାଉଁଶିଆ ରୋଗ ର ପରିଚାଳନା ହେତୁ ସଲଫର ପାଉଡର ୨-୩ ଗ୍ରା ପ୍ରତି ଲିଟର ପାଣିରେ ମିଶାଇ ସିଞ୍ଚନ କରିପାରିବେ। |
| ପଶୁ ସମ୍ପଦ: | ❖ <u>ମେଣ୍ଢା ଓ ଛେଳିମାନଙ୍କର ଯକୃତ କୃମି ରୋଗ</u><br>ଏହି କୃମି ମାନେ ସେମାନଙ୍କର କଲିଜା ରେ ବାସ କରନ୍ତି ଓ କଲିଜା କୁ ଖାଇ ନଷ୍ଟ କରିଦିଅନ୍ତି । ଚାରି ରୁ ବାର ମାସ ର ପ୍ରାଣୀମାନେ ବିଶେଷ ଭାବରେ କ୍ଷତିଗ୍ରସ୍ତ ହୋଇଥାନ୍ତି। ଝାଡା ପରୀକ୍ଷା ଦ୍ୱାରା ଏହି ରୋଗ ଚିହ୍ନଟ କରାଯାଏ। oxyclosanide, Triclabendazole ଏବଂ closantel ଆଦି ଔଷଧ ବ୍ୟବହାର କରି ଏହି କୃମିକୁ ନାଶ କରାଯାଇଥାଏ। | |

ତୁଷାର ରଞ୍ଜନ ମହାନ୍ତି
ନୋଡାଲ୍ ଅଫିସର,
ଗ୍ରାମୀଣ କୃଷି ମୌସମ ସେବା,ଓ.ୟୁ.ଏ.ଟି

ଅଧକ୍ଷ, ଗବେଷଣା ନିର୍ଦ୍ଦେଶାଳୟ,
ଓଡ଼ିଶା କୃଷି ଓ ବୈଷିୟିକ ବିଶ୍ୱବିଦ୍ୟାଳୟ

ଚାଷରେଅଧିକଲାଭବାନହେବାପାଇଁଓୟୁଏଟିକଳିଙ୍ଗଉତ୍ପାଦ (ତାରା,QPM, ଟିସୁ କଲଚର ଗଛ, ଫଳ ଓ ପନିପରିବା, ଯାଅଁଳ,କୁକୁଡା ଚିଆଁ, ଛତୁ, ଛତୁ ମଞ୍ଜି, ଜୈବିକ ସାର, ଜୈବିକ କୀଟନାଶକ, ଜିଆ ଖତ, କୃଷି ଯନ୍ତ୍ରପାତି ଇତ୍ୟାଦି ) ବ୍ୟବହାର କରନ୍ତୁ ।

ଭାରତୀୟପାଣିପାଗବିଭାଗରପୂର୍ବାନୁମାନଓପାଣିପାଗଭିତିକକୃଷିସୂଚନାନିମନ୍ତେଅଧିକବିବରଣୀପାଇଁ MEGHDOOT ମୋବାଇଲ ଆପ ବ୍ୟବହାର କରନ୍ତୁ ।

(Android: https://play.google.com/store/apps/details?id=com.aas.meghdoot)

(iOS: https://apps.apple.com/in/app/meghdoot/id1474048155)